# NATIONAL NEWS BULLETIN (ODIA)

**9 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାମାଜିକ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା କୌଣସି ବିଷୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ନ କରିବା ଲାଗି କେନ୍ଦ୍ର ସରକାରଙ୍କ ପରାମର୍ଶ

- ମୋଟରଯାନ ଦୁର୍ଘଟଣା ଜନିତ ଦାବି ସହ ସଂପର୍କିତ ୪ଟି ଡିଜିଟାଲ୍ ପ୍ଲାଟଫର୍ମକୁ ସଂଯୋଗ କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

- ନିବେଶ ଓ ବ୍ୟାପକ ରଣନୈତିକ ସହଭାଗିତା ସୁଦୃଢ଼ କରିବା ନେଇ ଆଜିଠାରୁ ୩ ଦିନିଆ ସିଙ୍ଗାପୁର ଗସ୍ତରେ ଅର୍ଥମନ୍ତ୍ରୀ ସୀତାରମଣ

ଏବଂ

- ରାଞ୍ଚିରେ ଆଜି ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍

## ସୋସିଆଲ୍ ମିଡ଼ିଆ

କେନ୍ଦ୍ର ଇଲୋକ୍ଟୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମ ପରିଚାଳନାକାରୀମାନଙ୍କୁ ସେମାନଙ୍କ ପ୍ଲାଟଫର୍ମରେ ସାମାଜିକ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା କିମ୍ବା ସାମାଜିକ ଅସ୍ଥିରତା ସୃଷ୍ଟି କରିବା ଭଳି କୌଣସି ବିଷୟ ପୋଷ୍ଟ୍ ନ

କରିବା ଲାଗି ପରାମର୍ଶ ଦିଆଯାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ମିଥ୍ୟା କିମ୍ବା  ବିଭ୍ରାନ୍ତିକର ବାର୍ତ୍ତା ପ୍ରସାରଣ ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ପୁରାତନ ଫଟୋ କିମ୍ବା ଭିଡ଼ିଓକୁ ବର୍ତ୍ତମାନର ଘଟଣାବଳୀ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶନ ନ କରିବାକୁ ପରାମର୍ଶ ଦେଇ ମନ୍ତ୍ରଣାଳୟ କହିଛି, ଏଭଳି କରିବା ଦ୍ୱାରା ବ୍ୟକ୍ତିବିଶେଷ, ପ୍ରତିଷ୍ଠାନ ଗୁଡ଼ିକ ଉପରେ ଆଞ୍ଚ ଆସୁଛି । ସେଗୁଡ଼ିକ ବେନିୟମ କାର୍ଯ୍ୟ ପରିସରଭୁକ୍ତ ବୋଲି ମନ୍ତ୍ରଣାଳୟ କହିଛି । ନିୟମ ଅନୁଯାୟୀ ପୁରୁଣା ଫଟୋ ଓ ଭିଡ଼ିଓ ସମ୍ବଳିତ ପୋଷ୍ଟଗୁଡ଼ିକୁ ଯାଞ୍ଚ କରି ଏହାର ପୁନଃ ବ୍ୟବହାର ରୋକିବାକୁ ପଦକ୍ଷେପ ନେବାକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି ।

## ଏସ୍‌ସି-କର୍ଭସ୍ କ୍ଲେମ୍ ଫ୍ରଡ୍

ସର୍ବୋଚ୍ଚ ନ୍ୟାୟାଳୟ’ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ମୋଟରଯାନ ଦୁର୍ଘଟଣା ଜନିତ ଦାବି ସହ ସଂପର୍କିତ ୪ଟି ଡିଜିଟାଲ୍ ପ୍ଲାଟଫର୍ମକୁ ସଂଯୋଗ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ମିଥ୍ୟା ବୀମା ଦାବି ଉପରେ ପ୍ରତିବନ୍ଧକ ଲାଗିବା ସହ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଏହି ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକ ହେଉଛି : ଇଡିଏଆର୍, ବାହନ, ସାରଥୀ ଓ ବୀମା ସୂଚନା ବ୍ୟୁରୋ । ଏହି ପ୍ଲାଟଫର୍ମଗୁଡ଼ିକ ସଂଯୋଗ ହେଲା ପରେ ଦୁର୍ଘଟଣାଜନିତ ରିପୋର୍ଟ ଗାଡ଼ି ଏବଂ ବୀମା ରେକର୍ଡ ତଥା ପୂର୍ବରୁ ବୀମା ଦାବିର ବିବରଣୀ ସହଜରେ ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇପାରିବ । ଏଥିରେ ହିଟ୍ ଆଣ୍ଡ୍ ରନ୍ ମାମଲା ଏବଂ ପିଏମ୍. ରାହତ ଯୋଜନାକୁ ମଧ୍ୟ ସାମିଲ କରାଯିବ । ନ୍ୟାୟାଳୟ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେବା ସହ ଅବିଳମ୍ବେ ଇଡିଏଆର୍ ପୋର୍ଟାଲ୍‌ରେ ଜରୁରୀ ତଥ୍ୟ ଅପଲୋଡ୍ କରିବା

ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏପର୍ଯ୍ୟନ୍ତ ଅଳ୍ପ କେତୋଟି ରାଜ୍ୟ ତଥ୍ୟ ଅପ୍‌ଲୋଡ୍ କରିଥିବା ଜଣାପଡ଼ିଛି ।

---

## ଉପନିର୍ବାଚନ ରେଜଲ୍‌ଟ

ତାମିଲନାଡୁର ମଦ୍ଧୁରନ୍ତକମ୍ ଏବଂ ଧାରାପୁରମ୍ ବିଧାନସଭା ଆସନ ଉପନିର୍ବାଚନ ନିମନ୍ତେ ମତଗଣନା ଜାରି ରହିଛି । କ୍ଷମତାସୀନ ଟିଭିକେ ଦଳର ପ୍ରାର୍ଥୀ ଆଗରେ ରହିଛନ୍ତି । ମଦ୍ଧୁରନ୍ତକମ୍ ଆସନରେ ଷଷ୍ଠ ପର୍ଯ୍ୟାୟ ମତଗଣନା ପରେ ଟିଭିକେ ପ୍ରାର୍ଥୀ କେ. ମରଗଥମ୍ କୁମାର ବେଲ୍ ୨୩ ହଜାର ୮୮୪ ଭୋଟ୍‌ରେ ଆଗରେ ରହିଛନ୍ତି । ଡିଏମ୍‌କେ ପ୍ରାର୍ଥୀ ୧୫ ହଜାର ୭୨୪ ଖଣ୍ଡ ଭୋଟ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି । ସେହିଭଳି ଧାରାପୁରମ୍ ଆସନରେ ୧୧ ପର୍ଯ୍ୟାୟ ମତଗଣନା ସୁଦ୍ଧା ଟିଭିକେ ପ୍ରାର୍ଥୀ ସତ୍ୟଭାମା ୩୧ ହଜାର ୩୨୭ ଖଣ୍ଡ ଭୋଟ୍ ଆଗରେ ରହିଥିବା ବେଳେ ଡିଏମକେ ପ୍ରାର୍ଥୀ ଏସ୍. ସୁଗନ୍ୟା ୨୫ ହଜାର ୮୪୧ ଖଣ୍ଡ ଭୋଟ୍‌ରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

ପୁଡୁଚେରୀର ଥଟନଚାଓ୍ୱଡ଼ି ବିଧାନସଭା ଆସନ ନିମନ୍ତେ ହୋଇଥିବା ଉପନିର୍ବାଚନର ଭୋଟ୍ ଗଣତି ଶେଷ ହୋଇଛି । ସେହି ଆସନରେ ଅଲ୍ ଇଣ୍ଡିଆ ଏନ୍.ଆର୍ କଂଗ୍ରେସ ପ୍ରାର୍ଥୀ ଅଶୋକାନନ୍ଦ ୮ ହଜାର୪୮୨ ଖଣ୍ଡ ଭୋଟ୍‌ରେ ବିଜୟ ହାସଲ କରିଛନ୍ତି ।  ଅଶୋକାନନ୍ଦଙ୍କୁ ୧୩ ହଜାର ୩୫୮ ଖଣ୍ଡ ଭୋଟ୍ ମିଳିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ  ଇ. ବିନାୟଗମ୍‌ଙ୍କୁ ୪ ହଜାର ୮୭୬ ଖଣ୍ଡ ଭୋଟ୍ ମିଳିଛି ।

---

# ସେବା ସଙ୍କଳ୍ପ - ବେଟି ବଚାଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ମହିଳା ଶିଶୁ ଭ୍ରୂଣହତ୍ୟା ରୋକିବା ଏବଂ ବାଳିକାମାନଙ୍କ ଶିକ୍ଷାକୁ ସୁଦୃଢ଼ କରିବା ଲାଗି ୨୦୧୫ ମସିହାରେ କେନ୍ଦ୍ର ସରକାର ବେଟି ବଚାଓ-ବେଟି ପଢ଼ାଓ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି ଅଭିଯାନରେ ବାଳିକାମାନଙ୍କ ସୁରକ୍ଷା, ଶିକ୍ଷା ଓ ସମାନ ସୁଯୋଗ ଲାଗି ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଗତ ଏକ ଦଶନ୍ଧି ମଧ୍ୟରେ ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ।

ଏହି ଅଭିଯାନ ଅଧୀନରେ ବାଳିକା ଶିକ୍ଷା ତଥା ସେମାନଙ୍କ ସୁରକ୍ଷିତ ଜୀବନ ଓ ବିକାଶକୁ ପ୍ରାଧାନ୍ୟ ଦିଆଯାଇ ବିଦ୍ୟାଳୟରେ ବାଳିକା ଶିକ୍ଷାକୁ ଅଗ୍ରାଧିକାର ଦେବା, ସୁରକ୍ଷିତ ମାତୃତ୍ୱ, ମେନ୍‌ଷ୍ଟ୍ରୁଆଲ୍ ସ୍ୱଚ୍ଛତା ଏବଂ ବାଳିକାମାନଙ୍କ ପ୍ରତି ରହିଥିବା ସାମାଜିକ ମନୋଭାବରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଅଭିଯାନ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତ ଓ ସଂପ୍ରଦାୟଗୁଡ଼ିକୁ ଦୃଢ଼ କରିପାରିଛି ।

ସୂଚନା ଅନୁଯାୟୀ, ଗତ ଏକଦଶନ୍ଧି ମଧ୍ୟରେ ମାଧମିକ ସ୍ତରରେ ଶିକ୍ଷା ଗ୍ରହଣ ପାଇଁ ଛାତ୍ରୀଙ୍କ ସଂଖ୍ୟା ୮୦ ଦଶମିକ ୨ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ପୁଅ-ଝିଅ ଆନୁପାତିକ ପରିମାଣ ୯୨୯ରୁ ୯୪୧କୁ ବୃଦ୍ଧି ପାଇଛି । ଗତ ୧୦ବର୍ଷ ମଧ୍ୟରେ ବେଟି ବଚାଓ-ବେଟି ପଢ଼ାଓ ଯୋଜନା କେବଳ ସରକାରୀ ଯୋଜନା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ସାମାଜିକ ଆନ୍ଦୋଳନର ଏକ ଅଂଶ ପାଲଟିଛି । ଏହି ଯୋଜନା ସଂପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ :

**V/O**

---

# ସୀତାରମଣ-ସିଙ୍ଗାପୁର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜିଠାରୁ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି । ଏହି ୩ ଦିନିଆ ଗସ୍ତ କାଳରେ ଅର୍ଥମନ୍ତ୍ରୀ ସିଙ୍ଗାପୁର ପ୍ରତିପକ୍ଷଙ୍କ ସମେତ ବ୍ୟବସାୟୀ ଏବଂ ନିବେଶକମାନଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଅର୍ଥମନ୍ତ୍ରୀ ବିଶ୍ୱସ୍ତରୀୟ ନିବେଶକଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ କାଳରେ ଶ୍ରୀମତୀ ସୀତାରମଣ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଷଣମୁଗରତ୍ନମ ଏବଂ ପ୍ରଧାନମନ୍ତ୍ରୀ ଲରେନ୍ସ ବୋଙ୍ଗ୍ ଙ୍କ ସହ ସାକ୍ଷାତ କରିବେ । ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ଗେନ୍ କିଙ୍ଗ ୟୋଙ୍ଗ ଏବଂ ସେଠାକାର ବୈଦେଶିକ ମନ୍ତ୍ରୀ ଡକ୍ଟର ବିବିୟନ୍ ବାଲ୍‌କ୍ରିଷ୍ଣନଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିବେ । ଆଲୋଚନାକାଳରେ ଭାରତ-ସିଙ୍ଗାପୁର ବ୍ୟାପକ ରଣନୈତିକ ସହଭାଗିତା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଆଲୋଚନା ହେବ। ସିଙ୍ଗାପୁରରେ ନିବେଶକମାନଙ୍କ ସହ ସାକ୍ଷାତ କାଳରେ ଅର୍ଥମନ୍ତ୍ରୀ ସୀତାରମଣ ଗୋଲ୍ ଟେବୁଲ୍ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

---

# ଦିଲ୍ଲୀ ପୋଲିସ୍-ସିଜେପି

ଦିଲ୍ଲୀ ଯନ୍ତରମନ୍ତରରେ ଆସନ୍ତାକାଲି ପ୍ରସ୍ତାବିତ କକ୍ରୋଚ ଜନତା ପାର୍ଟି-ସିଜେପିର ବିରୋଧ ପ୍ରଦର୍ଶନକୁ ଦିଲ୍ଲୀ ପୋଲିସ୍ ଅନୁମତି ଦେବାକୁ ଅଗ୍ରାହ୍ୟ କରିଛନ୍ତି । ଆଜି ସକାଳେ ଗଣମାଧ୍ୟମକୁ ସମ୍ବୋଧିତ କରି ଯୁଗ୍ମ ପୋଲିସ୍ ଆୟୁକ୍ତ ନୁପୂର ପ୍ରସାଦ କହିଛନ୍ତି, ଯନ୍ତରମନ୍ତରରେ ବିରୋଧ ପ୍ରଦର୍ଶନ କିମ୍ବା ଅନ୍ୟ କାର୍ଯ୍ୟକ୍ରମ ପାଇଁ ଅନୁମତି ନିମନ୍ତେ ଅତିକମ୍‌ରେ ୧୦ ଦିନ ପୂର୍ବରୁ ଆବେଦନ କରିବା ଅନିବାର୍ଯ୍ୟ । ସୁଶ୍ରୀ ପ୍ରସାଦ କହିଛନ୍ତି, ଏହା ପୂର୍ବରୁ ସିଜେପିକୁ ଯନ୍ତରମନ୍ତରରେ ବିରୋଧ ପ୍ରଦର୍ଶନ କରିବା ଲାଗି ଅନୁମତି ଦିଆଯାଇଥିଲା । କିନ୍ତୁ ଦଳ ପକ୍ଷରୁ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ପାଳନ କରାଯାଇ ନଥିଲା । ସେ କହିଛନ୍ତି, ପୂର୍ବରୁ ନିର୍ଦ୍ଦେଶାବଳୀ ପାଳନ ନ କରିବା ଏବଂ ବର୍ତ୍ତମାନର ଆଇନଶୃଙ୍ଖଳା ପରିସ୍ଥିତିକୁ ବିଚାରକୁ ନେଇ ବିରୋଧ ପ୍ରଦର୍ଶନ ଲାଗି ଅନୁମତି ନ ଦେବାକୁ ନିଷ୍ପତ୍ତି ନିଆଯାଇଛି । ସେ କହିଛନ୍ତି, ସଂପୃକ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କାଏମ ରଖିବା ଲାଗି ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ନିଷେଧାଜ୍ଞା ଲାଗୁ କରାଯାଇଛି। ତେବେ ଆଇନ ଉଲ୍ଲଂଘନ କଲେ ଦିଲ୍ଲୀ ପୋଲିସ୍ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି ।

# ଦିଲ୍ଲୀ ଟ୍ରେନ୍ କ୍ୟାନ୍‌ସଲ୍

ରେଳ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଆଜି ଅପରାହ୍ନ ୨ଟା ପରଠାରୁ ଏବଂ ଆସନ୍ତାକାଲି ଭୋର୍ ୪ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳଷ୍ଟେସନରେ ପହଞ୍ଚିବାକୁ ଥିବା ସମସ୍ତ ମେଲ୍ ଓ

ଏକ୍ସପ୍ରେସ୍ ଟ୍ରେନ୍ ବାତିଲ କରାଯାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଉଭୟ ରେଳଷ୍ଟେସନର ନିକଟବର୍ତ୍ତୀ ଅଞ୍ଚଳରେ ଭିଡ଼ ଆଶଙ୍କା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ୟୁଜିସି ନେଟ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ ଡିସେମ୍ବର ୨୦୨୬ ସେସନ୍‌ର ୟୁ.ଜି.ସି. ନେଟ୍ ଲାଗି ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ ହୋଇଛି । ଯୋଗ୍ୟ ପ୍ରାର୍ଥୀମାନେ ଜୁନିୟର୍ ରିସର୍ଚ୍ଚ ଫେଲୋସିପ୍, ଆସିଷ୍ଟାଣ୍ଟ ପ୍ରଫେସର୍‌ସିପ୍ ବା ପିଏଚ୍.ଡି. ଲାଗି ଏନ୍.ଟି.ଏ.ର ୱେବ୍‌ସାଇଟ୍ **ugcnet.nta.nic.in** ମାଧ୍ୟମରେ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିପାରିବେ । ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏଥିଲାଗି ଡିସେମ୍ବର ୧୪ରୁ ୧୯ ତାରିଖ ମଧ୍ୟରେ ପରୀକ୍ଷା କରାଯିବ ଏବଂ ପ୍ରାର୍ଥୀମାନେ ଅଫିସିଆଲ୍ ୱେବ୍‌ସାଇଟ୍‌ରୁ ବିସ୍ତୃତ ତଥ୍ୟ ପାଇପାରିବେ ବୋଲି ଏନ୍.ଟି.ଏ. କହିଛି ।

## ୱାର୍ଲଡ ବ୍ୟାଙ୍କ ନେପାଳ ଫ୍ଲଡ୍‌ସ

ନେପାଳରେ ଗତ ଅଗଷ୍ଟ ମାସରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୧ ଦଶମିକ ୬/୬ ବିଲିୟନ୍ ଆମେରିକୀୟ ଡଲାରର କ୍ଷତି ହୋଇଥିବା ବିଶ୍ୱବ୍ୟାଙ୍କ ଆକଳନ କରିଛି । ୮୩ ପ୍ରତିଶତ ଭିତ୍ତିଭୂମି ଜନିତ କ୍ଷତି ହୋଇଥିବା ବେଳେ ଆବାସିକ କୋଠା ୧୧ ପ୍ରତିଶତ ଏବଂ ଅଣଆବାସିକ କୋଠା ୬ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦିଆଯାଇଛି । ନେପାଳ ସରକାରଙ୍କ ଦ୍ୱାରା କରାଯାଇଥିବା ଆକଳନ ଅନୁଯାୟୀ ଏହି ବନ୍ୟାରେ ୨ ଦଶମିକ ୭ ବିଲିୟନ୍ ଆମେରିକୀୟ ଡଲାରର କ୍ଷତି ହୋଇଛି । ବନ୍ୟାରେ ଜଳବିଦ୍ୟୁତ୍

ପ୍ରକଳ୍ପ ଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଦ୍ୟୁତ୍ ନେଟୱାର୍କ, ସଡ଼କ ଏବଂ ସେତୁ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ୧୦ ଦଶମିକ ୬ପ୍ରତିଶତ ଜଳଶକ୍ତି ଓ ସୌର ସାମର୍ଥ୍ୟ ନଷ୍ଟ ହୋଇଛି ।

# କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ ଚଳିତ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ରାଞ୍ଚିଠାରେ ଖେଳାଯିବ । ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଆନ୍ତର୍ଜାତିକ ସିରିଜ୍‌କୁ ଭାରତ ୨-୧ରେ ଅକ୍ତିଆର କରିଛି ।